# ସତ୍ୟବାକ୍ୟ

# THE WORD OF TRUTH

**SEPTEMBER & OCTOBER 2016**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

**Edited and Published By**

***Joshua & Kabita Gootam***

## CHURCH OF CHRIST

P.O. Box. No-80, Kakinada

A.P. -533001.

Ph : 0884-2363722.

**Vol-21.SEP-OCT 2016. No-5**

*Published every two months in Oriya language for the Restoration of the pure New Testament Christianity.*


## ***The Rebellion of Israelites againstMoses and the Lord***

**Text:** "And when the people complained, it displeased the LORD: and the LORD heard it; and his anger was kindled." (Num.11:1).

**Introduction:**

1. The Lord God promised to give them the land of Canaan.
2. The Lord God had always provided for the children of Israel.
3. He had performed many miracles and wonders for them to have faith on Him.
4. Instead of having complete faith in Him they complained and murmured against God.
5. In this lesson we will see these instances of Israel's rebellion and Lord's punishment.

**Discussion:**

***I. The people complain.***

A. For no specific reason the Israelites complain.(Num.11:1a).
B. It displeased the Lord and was angry upon them.(Num.11:1b,c).
C. He sent fire to consume them.(Num.11:1d).
D. They cried to Moses to pray to God to quench the fire.(Num.11:2a).
E. The Lord heard Moses.(Num.11:2b).

***II. The people wept for meat.***

A. There was a multitude that lusted for meat.(Num.11:4a).
B. Israel wept for meat.(Num.11:4b,c).
C. They were thinking of the fish they ate in Egypt.(Num.11:5a).
D. They complained the food the Lord provided for them every day.(Num.11:6 - 7).
E. It displeased both the Lord and Moses.(Num.11:10).
F. The Lord promised Moses that he will send meat for a month.(Num.11:20a).
G. He said the meat they eat will come out of their nostrils.(Num.11:20b).
H. Lord's wrath was upon the people and He sent a plague.(Num.11:33).
I. Israelites buried the people that lusted for meat.(Num.11:34).

***III. Rebellion of Miriam.***

A. Miriam and Aaron spoke against Moses.(Num.12:1)
B. Miriam was also a prophetess.
C. But jealousy took over her heart and made her speak against Moses.(Num.12:2)
D. The Lord testified in favor of Moses.(Num.12:7)
E. The Lord's anger was against them.(Num.12:9).
F. Miriam turned leprous white as snow for seven days.(Num.12:10, 15).

***IV. The rebellion of congregation of Israel.***

# ସତ୍ୟବାଣୀ
# VOICE OF TRUTH

VOL - XXI KAKINADA SEP-OCT-2016

## ବାକ୍ୟ ଧ୍ୟାନ
### (Bible Study)

ନୂତନ ନିୟମର ଉପାସନା ପଦ୍ଧତି ୫ଟି ଭାଗରୁ ବାକ୍ୟ ଧ୍ୟାନ ଅନ୍ୟତମ । ବାକ୍ୟଧ୍ୟାନ କରିବା ନିମନ୍ତେ ଆମ୍ଭେମାନେ ଆଜ୍ଞାପିତ ହେବା ସଙ୍ଗେ ସଙ୍ଗେ, ଆଦିମ ଖ୍ରୀଷ୍ଟିୟାନମାନେ ବାକ୍ୟଧ୍ୟାନ କରିବା ନିମନ୍ତେ ଏକତ୍ରିତ୍ ହେବାର ଉଦାହରଣ ଆମ୍ଭେମାନେ ବାକ୍ୟରେ ପଢ଼ିପାରିଥାଉଁ ।

ବ୍ୟକ୍ତିଗତ ବାକ୍ୟଧ୍ୟାନ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଆପଣା ସମୟ ସୁବିଧାନୁଯାୟୀ କରିଥାନ୍ତି କିନ୍ତୁ ସପ୍ତାହର ପ୍ରଥମ ଦିନରେ ସମ୍ମିଳିତ ଭାବେ ବାକ୍ୟଧ୍ୟାନ କରିବା ଉପାସନା କରିବା ପଦ୍ଧତିର ଏକ ମୁଖ୍ୟ ଅଂଶ । ଏହିପରି ଭାବେ ପ୍ରଭୁ ଆମ୍ଭମାନଙ୍କ ସହିତ କଥା କହନ୍ତି ।

ବାଇବଲର ବାକ୍ୟ ନିଜେ ପଢ଼ିବା ଦ୍ୱାରା ତଥା ପ୍ରଚାରିତ ବାକ୍ୟ ଶ୍ରବଣ କରିବା ଦ୍ୱାରା ଆମ୍ଭେମାନେ ବାକ୍ୟଧ୍ୟାନ କରିଥାଉଁ । ତ୍ରୋୟାସ୍ଥିତ ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ପାଉଲ ବାକ୍ୟ ପ୍ରଚାର ଘଟଣା ଆମ୍ଭେମାନେ ପ୍ରେରିତ ୧୭:୧୦-୧୨ ପଦରେ ପଢ଼ିଥାଉଁ । ''ପୁଣି ଭାଇମାନେ ଅବିଳମ୍ବରେ ପାଉଲ ଓ ଶୀଲାଙ୍କୁ ରାତ୍ରୀକାଳରେ ବେରୟାକୁ ପଠାଇ ଦେଲେ, ସେମାନେ ସେହି ସ୍ଥାନରେ ପହଞ୍ଚି ଯିହୂଦୀମାନଙ୍କ ସମାଜ ଗୃହକୁ ଗଲେ । ଥେସଲନୀକୀରେ ଥିବା ଯିହୂଦୀମାନଙ୍କ ଠାରୁ ଏମାନେ ସୁଶୀଳ ଥିଲେ । ଏମାନେ ପୂର୍ଣ୍ଣ ଆଗ୍ରହର ବାକ୍ୟ ଗ୍ରହଣ କଲେ, ପୁଣି ଏହି ସମସ୍ତ ସତ୍ୟ କି ନା, ତାହା ଜାଣିବା ନିମନ୍ତେ ପ୍ରତିଦିନ ଶାସ୍ତ୍ର ଅନୁସନ୍ଧାନ କରୁଥିଲେ । ତେଣୁ ସେମାନଙ୍କ

ମଧ୍ୟରୁ ଅନେକେ ଓ ଗ୍ରୀକ୍‌ମାନଙ୍କ ମଧ୍ୟରୁ ଅନେକ ସମ୍ଭ୍ରାନ୍ତ ମହିଳା ଓ ପୁରୁଷ ମ
ବିଶ୍ୱାସ କଲେ । ଖ୍ରୀଷ୍ଟ କହିଲେ, ''ତୁମ୍ଭେମାନେ ଧର୍ମଶାସ୍ତ୍ର ଅନୁସନ୍ଧାନ କରୁଅଛ
କାରଣ ସେଥିରେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛ ବୋଲି ମନେ କରୁଅଛ, ଅ
ସେହି ଧର୍ମଶାସ୍ତ୍ର ମୋ ବିଷୟରେ ସାକ୍ଷ୍ୟ ଦେଉଅଛି ।'' (ଯୋହନ ୫:୩୯) ।

ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ ଉତ୍ସାହିତ କରି କହନ୍ତି, ''ସତ୍ୟ ବାକ୍ୟ ଯଥାର୍ଥ ରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷା ସିଦ୍ଧ ଦେଖାଇବାକୁ ଯ କର । (୨ ତୀମଥି ୨:୧୫) । ଖ୍ରୀଷ୍ଟ କହନ୍ତି, ''ଧାର୍ମିକତା ନିମନ୍ତେ କ୍ଷୁଧିତ ଓ ତୃଷି ଲୋକେ ଧନ୍ୟ, କାରଣ ସେମାନେ ପରିତୃପ୍ତ ହେବେ ।'' (ମାଥିଉ ୫:୬) ''....ମନୁଷ୍ୟ କେବଳ ରୋଟୀରେ ବଞ୍ଚିତ ନାହିଁ, ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ ।'' (ମାଥିଉ ୪:୪) । ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।'' (ରୋମୀୟ ୧୦:୧୭) ତେଣୁକରି ଆମ୍ଭେମାନେ ସତ୍ୟ ବାକ୍ୟ ଶ୍ରବଣ କରିବା ଅତ୍ୟାବଶ୍ୟକ ।

ଈଶ୍ୱର ଆମ୍ଭମାନଙ୍କ ସହିତ ଆପଣା ଅଦ୍ୱିତୀୟ ପୁତ୍ରଙ୍କ ଦ୍ୱାରା କହନ୍ତି । (ଏବ୍ରୀ ୧:୧,୨) । ଖ୍ରୀଷ୍ଟ ରୂପାନ୍ତରିତ ହେବା ସମୟରେ ପିତା ଈଶ୍ୱର କହିଲେ, ''..... ଆମ୍ଭର ପ୍ରିୟ ପୁତ୍ର ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ । ଏହାଙ୍କ ବାକ୍ୟ ଶ୍ରବ କର ।'' (ମାଥିଉ ୧୭:୫) । ଯୀଶୁ ତାଙ୍କୁ ଉତ୍ତର ଦେଲେ. ''ଯଦି କେହି ମୋତେ ପ୍ରେମ କରେ, ତାହା ହେଲେ ସେ ମୋହର ବାକ୍ୟ ପାଳନ କରିବ, ପୁଣି ମୋହର ପିତା ତାହାକୁ ପ୍ରେମ କରିବେ । ଆଉ ଆମ୍ଭେମାନେ ତାହା ନିକଟକୁ ଆସି ତାହା ସହିତ ବାସ କରିବା । ଯେ ମୋତେ ପ୍ରେମ କରେ ନାହିଁ ସେ ମୋହର ବାକ୍ୟ ପାଳନ କରେ ନାହିଁ, ଆଉ ଯେଉଁ ବାକ୍ୟ ତୁମ୍ଭେମାନେ ଶୁଣୁଅଛ ତାହା ମୋହର ନୁହେଁ, ମୋହର ପ୍ରେରଣକର୍ତ୍ତା ପିତାଙ୍କର ।'' (ଯୋହନ ୧୪:୨୧,୨୪) । ପ୍ରେରିତ ଯୋହନଙ୍କ ଅନୁଯାୟୀ, ଯୀଶୁ ଶିଷ୍ୟମାନଙ୍କ ସାକ୍ଷାତରେ ଏହିପରି ଅନେକ ଓ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟ କର୍ମ ସାଧନ କଲେ, ସେହିସବୁ ଏହି ପୁସ୍ତକରେ ଲେଖା ହୋଇନାହିଁ, କିନ୍ତୁ

ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ । ଏଥି ନିମନ୍ତେ ଏ ସମସ୍ତ ଲେଖାଯାଇଅଛି । (ଯୋହନ ୨୦:୩୦, ୩୧) । ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ, ଏଥି ନିମନ୍ତେ ସ୍ୱାଧୀନତାର ବ୍ୟବସ୍ଥା ଦତ୍ତ ହୋଇଅଛି । (୨ ତୀମଥି ୩:୧୬,୧୭ ଓ ଯାକୁବ ୧:୨୫)

ଉପରୋକ୍ତ ବାକ୍ୟଗୁଡ଼ିକରୁ ତାହାଙ୍କ ବାକ୍ୟ ଧ୍ୟାନ କରିବା ନିମନ୍ତେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ପ୍ରତି ଦିନରେ ପ୍ରଭୁଙ୍କ ନିକଟରେ କାହିଁକି ଏକତ୍ରିତ ହେବା ଆବଶ୍ୟକ ଜାଣିପାରୁ :-

ଆମ୍ଭେମାନେ ବାଇବଲର ବାକ୍ୟ ଧ୍ୟାନ କରିବା ଆବଶ୍ୟକ କାରଣ ତାହା ଈଶ୍ୱରଙ୍କ ବାକ୍ୟ । ଆଶ୍ଚର୍ଯ୍ୟମୟ ପ୍ରେମମୟ ପରମେଶ୍ୱର ଆମ୍ଭମାନଙ୍କ ଅଜ୍ଞାନତାର ଅନ୍ଧକାରରେ ପରିତ୍ୟାଗ ନ କରି ତାହାଙ୍କ ବାକ୍ୟ ଆମ୍ଭମାନଙ୍କ ନିକଟରେ ପ୍ରକାଶିତ କରିଅଛନ୍ତି ।

ତାହାଙ୍କ ବାକ୍ୟ ଧ୍ୟାନ କରି ତାହାଙ୍କ ଇଚ୍ଛା ଜାଣିପାରିବା । ଆମ୍ଭେମାନେ ଯେପରି ଭ୍ରାନ୍ତ ନ ହେଉଁ, ଏଥି ନିମନ୍ତେ ତାହାଙ୍କ ବାକ୍ୟ ଧ୍ୟାନ କରିବା ଆବଶ୍ୟକ । ଆଜିର ଖ୍ରୀଷ୍ଟିୟାନ ଜଗତର ଅନେକ ଶିକ୍ଷକ ବିଭିନ୍ନ ଶିକ୍ଷା ଦେଉଅଛନ୍ତି । ପ୍ରଚାରିତ ହେଉଥିବା ବାକ୍ୟ ସତ୍ୟ କି ନା, ବାଇବଲର ବାକ୍ୟ ତୁଳନା କରିବା ଦ୍ୱାରା ଜାଣିପାରିବା । ପ୍ରେରିତ ଯୋହନ ସତର୍କ କରି କହନ୍ତି, ''ହେ ପ୍ରିୟମାନେ, ପ୍ରତ୍ୟେକ ଆତ୍ମାକୁ ବିଶ୍ୱାସ କର ନାହିଁ, ବରଂ ଆତ୍ମାମାନେ ଈଶ୍ୱରଙ୍କଠାରୁ ଆଗତ କି ନାହିଁ, ଏହା ସେମାନଙ୍କୁ ପରୀକ୍ଷା କରି ଦେଖ, କାରଣ ଜଗତରେ ଅନେକ ଭଣ୍ଡ ଭାବବାଦୀ ବାହାରିଅଛନ୍ତି । (ଯୋହନ ୪:୧) । ଈଶ୍ୱରଙ୍କ ବାକ୍ୟ ଧ୍ୟାନକାରୀମାନେ ଭଣ୍ଡ ଭାବବାଦୀମାନଙ୍କ ଦ୍ୱାରା ଭ୍ରାନ୍ତ ହେବା ଅସମ୍ଭବ ।

ବାକ୍ୟ ଧ୍ୟାନ କରିବା ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ବିଷୟରେ ଅନ୍ୟମାନଙ୍କୁ ଶିକ୍ଷା ଦେବା ନିମନ୍ତେ ସତ୍ୟଜ୍ଞାନ ଲାଭ କରିପାରୁ । ''ଆପଣା ବିଷୟରେ ଆପଣା ଶିକ୍ଷା ବିଷୟରେ ସତର୍କ ହୁଅ । ଏହି ସମସ୍ତ ବିଷୟରେ ଲାଗିରୁହ, କାରଣ ତାହା କଲେ

ତୁମ୍ଭେ ଆପଣା ପରିତ୍ରାଣ ଓ ତୁମ୍ଭର ଶ୍ରୋତାମାନଙ୍କର ପରିତ୍ରାଣ ମଧ୍ୟ ସାଧନ କରି
(୧ମ ତୀମଥି ୪:୧୬) । ଆଦିମ ଖ୍ରୀଷ୍ଟିୟାନମାନଙ୍କ ବିଷୟରେ ଲେଖାଯା
''ସେଥିରେ ଯେଉଁମାନେ ଛିନ୍ନଭିନ୍ନ ହୋଇଥିଲେ, ସେମାନେ ଚତୁର୍ଦ୍ଦିଗରେ ଭ୍ରମ
କରୁ କରୁ ସୁସମାଚାରର ବାକ୍ୟ ପ୍ରଚାର କଲେ । (ପ୍ରେରିତ ୮:୪) ।

ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ କହନ୍ତି, ''ସତ୍ୟ ବାକ୍ୟ ଯଥାର୍ଥ ରୂ
ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁ
ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣା ପରୀକ୍ଷା ସିଦ୍ଧ ଦେଖାଇବାକୁ ଯତ୍ନ କ
(୨ୟ ତୀମଥି ୨:୧୫) । ସତ୍ୟବାକ୍ୟ ଅର୍ଥାତ ବାଇବଲକୁ ଦୁଇ ପ୍ରଧାନ ଭାଗ
ବିଭକ୍ତ କରାଯାଏ । କୁଳପତିମାନଙ୍କ ଯୁଗ ଓ ମୋଶାଙ୍କ ଯୁଗରେ ଇତିହାସ
ପୁସ୍ତକଗୁଡ଼ିକର ସମିଷ୍ଟ ପ୍ରଥମ ଭାଗ ପୁରାତନ ନିୟମ ନାମରେ ପରିଚିତ । ଖ୍ରୀଷ୍ଟ
ନିୟମାବଳୀ ଦ୍ୱାରା ନୂତନ ନିୟମ ଗଠିତ ଖ୍ରୀଷ୍ଟଙ୍କ କ୍ରୁଶରେ ପୂର୍ବରେ ଥିବା ସମ
ପୁରାତନ ନିୟମ ଓ ଖ୍ରୀଷ୍ଟଙ୍କ କ୍ରୁଶ ପରବର୍ତ୍ତୀ ସମୟ ନୂତନ ନିୟମ । ତେବେ
ଆମ୍ଭେମାନେ କେଉଁ କେଉଁ ନିୟମାଧିନ ଅଟୁଁ ? ଖ୍ରୀଷ୍ଟଙ୍କ ମୃତ୍ୟୁ, ସମାଧି ଓ ଉତ୍ଥାନ
ପରବର୍ତ୍ତୀ ସମୟରେ ଜାତ ପ୍ରତ୍ୟେକ ମନୁଷ୍ୟ ନୂତନ ନିୟମାଧିନ ଅଟନ୍ତି ବୋ
ଏବ୍ରୀ ୯:୧୬, ୧୨ ଓ ୧୦:୯ ପଦଗୁଡ଼ିକରୁ ସୁସ୍ପଷ୍ଟ ହୁଏ ।

ତେବେ ପ୍ରଶ୍ନ ଉଠେ, ଯଦି ଆମ୍ଭେମାନେ ପୁରାତନ ନିୟମାଧିନ ନୋହୁଁ
ତେବେ କାହିଁକି ପୁରାତନ ନିୟମ ଧ୍ୟାନ କରୁ ? କାରଣ:-

ସୃଷ୍ଟି ବିଷୟରେ ଜାଣିବା ନିମନ୍ତେ ।

ମନୁଷ୍ୟ ଜାତିର ଇତିହାସ ଏହି ଭାଗରେ ପଢ଼ିପାରୁ ।

''ଏହି ସମସ୍ତ ଦୃଷ୍ଟାନ୍ତ ସ୍ୱରୂପେସେମାନଙ୍କ ପ୍ରତି ଘଟିଲା । ଆଉ ଯେଉଁମାନଙ୍କ
ସମୟରେ ଯୁଗାନ୍ତକାଳ ଉପସ୍ଥିତ ହୋଇଅଛି, ଏପରି ଯେ ଆମ୍ଭମାନଙ୍କ ଚେତନ
ନିମନ୍ତେ ସେହିସବୁ ଲେଖାଯାଇଅଛି । (୧ମ କରିନ୍ଥୀ ୧୦:୧୧) ।

ଚିରନ୍ତନ ସତ୍ୟ ନିୟମାବଳୀର ଅନ୍ତ ହୁଏ ନାହିଁ ।

ପୁରାତନ ନିୟମ ଧ୍ୟାନ କରିବା ଦ୍ୱାରା ଆମ୍ଭେମାନେ ଉତ୍କୃଷ୍ଟତର ନିୟମାଧିନ
ଅଟୁ ବୋଲି ଜାଣିପାରୁ ।

## ବାକ୍ୟ ଧ୍ୟାନ ନିମନ୍ତେ କୋତୋଟି ନିୟମାବଳୀ :-

ନିର୍ଦ୍ଦିଷ୍ଟ ବାକ୍ୟ ବାରମ୍ବାର ପଢ଼ନ୍ତୁ ।

କିଏ ବକ୍ତା ଅଟନ୍ତି ?

କାହାକୁ କୁହାଯାଇଅଛି ?

କେବେ କୁହାଯାଇଥିଲା ?

ରୂପକ ଭାଷା କିଅବା ଆକ୍ଷରିକ ଭାଷା ବ୍ୟବହୃତ କୁହାଯାଇଅଛି ?

ଏହା କି ଏକ ଆଜ୍ଞା ?

ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ତାହା ଆବଶ୍ୟକ କି ?

ଏହିସବୁ ବିଷୟରେ ଧ୍ୟାନ ଦେଇ ବାକ୍ୟ ପଢ଼ିବା ଦ୍ୱାରା ଆମ୍ଭେମାନେ ସତ୍ୟବାକ୍ୟ ଜ୍ଞାନରେ ବୃଦ୍ଧି ପାଇ ପ୍ରକୃତ ଖ୍ରୀଷ୍ଟିୟାନ ରୂପେ ଜୀବନଯାପନ କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ସୁସମାଚାର ସୁଦୃଢ଼ ଭାବେ ଶିକ୍ଷା ଦେଇପାରିବା ଇଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କ ଆତ୍ମାର ତ୍ରାଣଦାୟକ ଏବଂ ତାହା ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ଏକତା ଲାଭ କରିବାରେ ସାହାଯ୍ୟ କରେ ।

**- J.C. Choate**

❋ ❋ ❋

# ଯୀଶୁ କିଏ ?
## (Who is Jesus ?)

ଯୀଶୁଖ୍ରୀଷ୍ଟଙ୍କ ଜନ୍ମାବଧି ଏହି ପ୍ରଶ୍ନ ମନୁଷ୍ୟ ଜାତିକୁ ଆନନ୍ଦିତ କରି ଆସୁଅଛି । ସେ ଜଣେ କେବଳ ମନୁଷ୍ୟ ମାତ୍ର ଥିଲେ କିଅବା ଜଗତର ଉଦ୍ଧାର କର୍ତ୍ତା ଅଟନ୍ତି ବାଇବଲର ବାକ୍ୟ ବିଶ୍ଳେଷଣ କରି ଜାଣିପାରିବା ।

ସର୍ବପ୍ରଥମେ ଯୀଶୁଖ୍ରୀଷ୍ଟଙ୍କୁ ଇଶ୍ୱରଙ୍କ ରୂପେ ବାଇବଲରେ ଉଲ୍ଲେଖିତ କରାଯାଏ । ଯିଶାଇୟ ଭାବବାଦୀ ଆପଣା ଲିଖିତ ପୁସ୍ତକର ୯ :୬-୭ ପଦଗୁଡ଼ିକରେ ତାହାଙ୍କୁ 'ପରାକ୍ରମ ଇଶ୍ୱର' ରୂପେ ବର୍ଣ୍ଣନା କରନ୍ତି । ବାକ୍ୟ ରୂପୀ ଇଶ୍ୱର ଦେହବନ୍ତ

ହୋଇ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ ବୋଲି ଯୋହନ ୧:୧-୩, ୧୪ ପଦଗୁଡ଼ିକରୁ ପଢ଼ିପାରୁ । ଏବ୍ରୀ ପୁସ୍ତକକର୍ତ୍ତାଙ୍କ ଭାଷାରେ 'ଅନ୍ୟ ପକ୍ଷରେ ସେ ପୁତ୍ର ବିଷୟରେ କହନ୍ତି, "ହେ ଈଶ୍ୱର, ତୁମ୍ଭର ସିଂହାସନ ଅନନ୍ତକାଳ ସ୍ଥାୟୀ ପୁଣି ନ୍ୟାୟ ଦଣ୍ଡ ତୁମ୍ଭର ରାଜଦଣ୍ଡ ଅଟେ ।

ଦ୍ୱିତୀୟରେ, ଈଶ୍ୱର ବ୍ୟତୀତ ଆଉ କାହାକୁ ସୃଷ୍ଟି କରିବାରେ ଶକ୍ତି ଅଛି ? ଯୋହନ୧:୧-୩ ପଦଗୁଡ଼ିକରେ ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟି ହେଲା ବୋଲି ଜାଣିପାରୁ ମାଥିଉ ୪:୧୦, ପ୍ରକାଶିତ ୧୯:୧୦,୨୨:୯ ପଦଗୁଡ଼ିକରେ ଈଶ୍ୱର ଉପାସ ଯୋଗ୍ୟ ବୋଲି ଜାଣିପାରୁ । ମାଥିଉ ୮:୨ ପଦରେ ଯୀଶୁଖ୍ରୀଷ୍ଟ ଉପାସିତ ହେ ପଢ଼ିପାରୁ । ଏହି ପଦଗୁଡ଼ିକରେ ଯୀଶୁଖ୍ରୀଷ୍ଟ ଅନନ୍ତ ଜୀବୀ, ସୃଷ୍ଟିକର୍ତ୍ତା ଅଟନ୍ତି । ଜୀବ ପରମେଶ୍ୱର ଅଟନ୍ତି, ଯାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟି ହେଲା ।

କଲସୀ ପତ୍ରିକାରେ ଯୀଶୁଖ୍ରୀଷ୍ଟଙ୍କ ମହାନତା ଓ ଦୈବିକତା ବର୍ଣ୍ଣନା କରାଯାଇ (କଲସୀ ୧:୧୩-୨୦) । ଫିଲିପ ୨:୯-୧୧ ପଦଗୁଡ଼ିକରେ ପାଉଲ କହ "ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରି ଅଛନ୍ତି, ପୁଣି ସମସ୍ତ ନା ଅପେକ୍ଷା ସର୍ବୋତ୍କୃତ ନାମ ତାହାଙ୍କୁ ପ୍ରଦାନ କରିଅଛନ୍ତି, ଯେପରି ସ୍ୱର୍ଗ, ମର୍ତ୍ତ୍ୟ ପାତାଳରେ ଥିବା ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ ନତ ହେବ । ପୁଣି ପିତା ଈଶ୍ୱର ଗୌରବ ନିମନ୍ତେ ପ୍ରତ୍ୟେକ ଜିହ୍ୱା ଯୀଶୁଖ୍ରୀଷ୍ଟ ପ୍ରଭୁ ବୋଲି ସ୍ୱୀକାର କରିବ । ଦୂତମାନଙ୍କ ତଥା ଭାବବାଦୀମାନଙ୍କ ଠାରୁ ଉତ୍କୃଷ୍ଟତର ସମ୍ମାନର ଅଧିକାରୀ ଯୀଶୁଖ୍ର ସ୍ୱର୍ଗସ୍ଥ ପିତା ପରମେଶ୍ୱଙ୍କ ଅଦ୍ୱିତୀୟ ପୁତ୍ର ଅଟନ୍ତି ।

ପାପକ୍ଷମା କରିବା କାହାକୁ ଅଧିକାର ଦିଆଯାଇଅଛି ? ଈଶ୍ୱରଙ୍କ ବ୍ୟତ ଏହି ଅଧିକାର କାହାକୁ ଦିଆଯାଏ ନାହିଁ । ଏହି ଜଗତରେ ଯୀଶୁଖ୍ରୀଷ୍ଟ ମନୁଷ୍ୟମାନ ପାପକ୍ଷମା କରିବାରେ ଓ ଆଶ୍ଚର୍ଯ୍ୟକର୍ମ କରିବାରେ ଶକ୍ତିପ୍ରାପ୍ତ ହୋଇଥିଲେ । ଏତଦ୍ୱ ପ୍ରଭୁ ଯୀଶୁଙ୍କ ଦୈବତ୍ୱ ପ୍ରମାଣିତ ହୁଏ ।

"ଏଥି ଉତ୍ତାରେ ପରମେଶ୍ୱର କହିଲେ, "ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତି ଓ ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ...." (ଆଦି ୧:୨୬) । ଏହି ପ ଯୀଶୁଖ୍ରୀଷ୍ଟ ପିତା ପରମେଶ୍ୱର ଓ ପବିତ୍ର ଆତ୍ମାଙ୍କ ସହଯୋଗୀ ଅଟନ୍ତି ବୋଲି ଜାଣିପା

ପିତା ପରମେଶ୍ୱର, ପୁତ୍ର ଯୀଶୁଖ୍ରୀଷ୍ଟ ଓ ପବିତ୍ର ଆତ୍ମାଙ୍କ ସହଯୋଗରେ ଏହି ସୃଷ୍ଟି ସମ୍ଭବପର ହୋଇଥିଲା । (ଆଦି ୧:୧,୨) ।

ଶେଷରେ ଯୋହନ ୧୦:୩୦ ପଦରେ ଯୀଶୁଖ୍ରୀଷ୍ଟ କହନ୍ତି, ''ମୁଁ ଓ ପିତା ଏକ ।'' ସେମାନଙ୍କ ସ୍ୱଭାବ, ଉଦ୍ଦେଶ୍ୟ ଓ ଶିକ୍ଷା ପ୍ରତ୍ୟେକ ସ୍ତରରେ ପିତା ଓ ପୁତ୍ର ଏକ ଅଟନ୍ତି । ଥରେ ଫିଲିପ ଯୀଶୁଙ୍କୁ କହିଲେ..... ପ୍ରଭୋ ଆମ୍ଭମାନଙ୍କୁ ପିତାଙ୍କୁ ଦର୍ଶନ କରନ୍ତୁ, ତାହା ଆମ୍ଭମାନଙ୍କ ନିମନ୍ତେ ଯଥେଷ୍ଟ । ଯୀଶୁ ତାହାଙ୍କୁ ଉତ୍ତର ଦେଲେ, ଫିଲିପ ଏତେ କାଳ ମୁଁ ତୁମ୍ଭମାନଙ୍କ ସାଙ୍ଗରେ ଅଛି । ଆଉ ତୁମ୍ଭେ କଅଣ ମୋତେ ଜାଣିଲ ନାହିଁ ? ଯେ ମୋତେ ଦର୍ଶନ କରିଅଛି ସେ ପିତାଙ୍କୁ ଦର୍ଶନ କରିଅଛି । ଆମ୍ଭମାନଙ୍କ ଦର୍ଶନ କରାନ୍ତୁ ବୋଲି ତୁମ୍ଭେ କିପରି କହୁଅଛ ? (ଯୋହନ ୧୪:୮,୯) । ପ୍ରେରିତ ପାଉଲ କରନ୍ଥୀ ମଣ୍ଡଳୀକୁ ଲେଖନ୍ତି, ଖ୍ରୀଷ୍ଟ ଯୀଶୁଙ୍କର ଯେପରି ମନ ଥିଲା । ତୁମ୍ଭମାନଙ୍କର ସେହିପରି ମନ ହେଉ । ସେ ଈଶ୍ୱର ରୂପୀ ହେଲେ ହେଁ ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ । ପୁଣି ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ, ହଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ । (ଫିଲିପ ୨:୫-୮) ।

ଏହି ଜଗତରେ ଜନ୍ମିଥିବା ଆଉ କୌଣସି ମାନବ ବିଷୟରେ ବାଇବଲରେ ଏହିପରି କୁହାଯାଏ ନାହିଁ । ଜଗତର ପାପ ନିମନ୍ତେ କ୍ରୁଶରେ ମୃତ୍ୟୁ ଭୋଗିବା ସମୟରେ ସେଠାରେ ଉପସ୍ଥିତ ଶତ ସେନାପତି ଯୀଶୁଙ୍କ ବିଷୟରେ କହିଲେ, ''.....ସତ୍ୟ, ଏ ଈଶ୍ୱରଙ୍କ ପୁତ୍ର ଥିଲେ ।'' (ମାଥିଉ ୨୭:୫୪) । ଯୀଶୁଖ୍ରୀଷ୍ଟ କେବଳ ଜଣେ ମନୁଷ୍ୟ କିଅବା ଦୂତ ନୁହନ୍ତି । କିନ୍ତୁ ମନୁଷ୍ୟ ତଥା ଦୂତମାନଙ୍କ ଠାରୁ ଉତ୍କୃଷ୍ଟତର ସମ୍ମାନର ଅଧିକାରୀ ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଅଟନ୍ତି ବୋଲି ଏହି ପଦଗୁଡ଼ିକରୁ ଜାଣିପାରୁ ।

ଏବ୍ରୀ ପୁସ୍ତକରେ ପୁରାତନ ନିୟମ ଓ ନୂତନ ନିୟମର ପାର୍ଥକ୍ୟ ବିଷୟରେ କୁହାଯାଇଅଛି । ଏହି ପୁସ୍ତକ ଯୀଶୁଖ୍ରୀଷ୍ଟଙ୍କୁ ମହିମାନ୍ୱିତ କଲେ । ଏହି ପୁସ୍ତକ ପ୍ରଥମ ବାକ୍ୟ କହେ, ''ଈଶ୍ୱର ପୁରା କାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା ଏହି ଶେଷକାଳରେ ପୁତ୍ରଙ୍କ ଦ୍ୱାରା

ଆମ୍ଭମାନଙ୍କୁ କଥା କହିଅଛନ୍ତି, ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ, ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ ବିଶ୍ୱ ସୃଷ୍ଟି କଲେ । ସେ ତାହାଙ୍କ ମହିମାର ପ୍ରଭା ଓ ତାହାଙ୍କ ତତ୍ତ୍ୱର ପ୍ରତିମର୍ତ୍ତି, ସେ ଆପଣା ଶକ୍ତିଯୁକ୍ତ ବାକ୍ୟ ଦ୍ୱାରା ସମସ୍ତ ବିଷୟ ଧାରଣ କରନ୍ତି, ପୁଣି ପାପ ମାର୍ଜନା କଲା ଉତ୍ତାରେ ଊର୍ଦ୍ଧ୍ୱସ୍ଥ ମହାମହିମାଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରିଅଛନ୍ତି । ସେ ଯେଉଁ ପରିମାଣରେ ସ୍ୱର୍ଗଦୂତମାନଙ୍କ ଅପେକ୍ଷା ଅତ୍ୟଧିକ ଉତ୍କୃଷ୍ଟ ନାମର ଅଧିକାରୀ ହୋଇଅଛନ୍ତି, ସେହି ପରିମାଣରେ ସେ ସେମାନଙ୍କ ଠାରୁ ଅତ୍ୟଧିକ ମହାନ ହୋଇଅଛନ୍ତି । (ଏବ୍ରୀ ୧ : ୧-୪) ।

ଆତ୍ମୀୟ ସାମ୍ରାଜ୍ୟର ସମ୍ରାଟ ଆମ୍ଭମାନଙ୍କ ମହାଯାଜକ ସମସ୍ତ ମନୁଷ୍ୟ ଓ ଦୂତମାନଙ୍କ ଠାରୁ ଉନ୍ନତିର ଯୀଶୁଖ୍ରୀଷ୍ଟ ପିତା ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ବିରାଜମାନ ଅଟନ୍ତି । ତାହାଙ୍କ ବାକ୍ୟ ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ସେହି ଆତ୍ମିକ ସାମ୍ରାଜ୍ୟର ଅଧିବାସୀ ହେବାର ସୁଯୋଗ ପାଇପାରିବା । ତାହାଙ୍କ ଶରୀରରୂପେ ମଣ୍ଡଳୀର ସେ ମଣ୍ଡଳ ସ୍ୱରୂପ ଅଟନ୍ତି । ତାହାଙ୍କ ଶରୀରରୂପ ମଣ୍ଡଳୀରେ ବିଶ୍ୱସ୍ତ ଜୀବନଯାପନ କଲେ ଆମ୍ଭେମାନେ ମୃତ୍ୟୁ ପରେ ଅନନ୍ତଜୀବନ ତାହାଙ୍କ ସହିତ ବିତାଇବା । ତାହାଙ୍କ ଶରୀରରୂପ ମଣ୍ଡଳୀରେ ପ୍ରବେଶ କରିବା ନିମନ୍ତେ ଆମ୍ଭମାନଙ୍କୁ ତାହାଙ୍କ ବାକ୍ୟ ଶ୍ରବଣ କରି, ମନ ପରିବର୍ତ୍ତନ କରି, ଯୀଶୁଖ୍ରୀଷ୍ଟଙ୍କୁ ତାହାଙ୍କ ପୁତ୍ର ରୂପେ ସ୍ୱୀକାର କରି ବାପ୍ତିଜିତ ହେବା ଆବଶ୍ୟକ । ଏତଦ୍ୱାରା ଆମ୍ଭେମାନେ ଆମ୍ଭମାନଙ୍କ ପାପରୁ ଧୌତ ହୋଇ ତାହାଙ୍କ ମଣ୍ଡଳୀରେ ସଭ୍ୟ ହୋଇପାରିବା (ପ୍ରେରିତ ୨:୪୧, ୪୭, ୨୦:୨୮) ।

- Jim Dear Man

❋ ❋ ❋

# ପବିତ୍ର ଆତ୍ମା କିପରି ଫଳ ଉତ୍ପନ୍ନ କରନ୍ତି ?

## (How the Holy Spirit Bears Fruit ?)

ପ୍ରତ୍ୟେକ ଖ୍ରୀଷ୍ଟିୟାନ ପରମେଶ୍ୱରଙ୍କ ନିମନ୍ତେ ଫଳ ଉତ୍ପନ୍ନ କରିବା ଆବଶ୍ୟକ । ଯୀଶୁ କହିଲେ, ''ମୋ ଠାରେ ଥିବା ଯେକୌଣସି ଶାଖା ଫଳ ନ ଫଳେ ତାହା ସେ କାଟି ପକାନ୍ତି । ଆଉ ସେ ଯେକୌଣସି ଶାଖା ଫଳ ଫଳେ, ଅଧିକ ଫଳ ଫଳିବା ନିମନ୍ତେ ସେ ତାହା ପରିଷ୍କାର କରନ୍ତି, (ଯୋହନ ୧୫:୨) । ତାହାଙ୍କ ଅନୁଚରମାନେ ତାହାଙ୍କ ନିମନ୍ତେ ଉତ୍ତମ ଫଳ ଉତ୍ପନ୍ନ କରିବା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆକାଂକ୍ଷା । ତୁମ୍ଭେମାନେ ପ୍ରଚୁର ଫଳ ଫଳିଲେ, ମୋହର ପିତା ମହିମାନ୍ୱିତ ହେବେ, ଆଉ ତୁମ୍ଭେମାନେ ମୋହର ପ୍ରକୃତ ଶିଷ୍ୟ ହେବ ।'' (ଯୋହନ ୧୫:୮)

ଗାଲାତି ୫:୨୨,୨୩ ପଦରେ ପାଉଲ ଲେଖନ୍ତି, ''କିନ୍ତୁ ଆତ୍ମାଙ୍କ ଫଳ ପ୍ରେମ ଆନନ୍ଦ, ଶାନ୍ତି, ଦୀର୍ଘ ସହିଷ୍ଣୁତା ଓ ପରୋପକାରିତା ଭଦ୍ରତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମ ସଂଯମ ଏହି ସମସ୍ତ ବିରୁଦ୍ଧରେ କୌଣସି ବ୍ୟବସ୍ଥା ନାହିଁ ।'' ଆତ୍ମାଙ୍କ ଫଳ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଉତ୍ପନ୍ନ କରିବା ଆବଶ୍ୟକ । ପ୍ରକୃତ ଖ୍ରୀଷ୍ଟିୟାନ ପ୍ରଚୁର ଫଳ ଫଳାନ୍ତି । ଫଳ ଉତ୍ପନ୍ନ କରିବା ଏକ ସହଜକର କାର୍ଯ୍ୟ ନୁହେଁ । ଏହି କଠିନ କାର୍ଯ୍ୟ ଆମ୍ଭମାନଙ୍କୁ ଅନ୍ୟମାନଙ୍କ ଠାରୁ ପୃଥକ ହେବାରେ ବାଧା ସୃଷ୍ଟି କରିଥାଏ । କିନ୍ତୁ ଆତ୍ମାଙ୍କ ଫଳ ଉତ୍ପନ୍ନ କରି ଆମ୍ଭେମାନେ ଈଶ୍ୱରଙ୍କ ସନ୍ତୋଷ ପାତ୍ର ହୋଇଥାଉଁ । ତାହାଙ୍କ ନିମନ୍ତେ ଫଳ ଉତ୍ପନ୍ନ କରିବା ଦ୍ୱାରା ଏହି ଜଗତକୁ ଆମ୍ଭେମାନେ ଏକ ଶ୍ରେଷ୍ଠତର ନିଶ୍ୱାସ ସ୍ଥାନ ରୂପେ ପରିଣତ କରିପାରୁ, ତଥା ଖ୍ରୀଷ୍ଟଙ୍କ ପ୍ରକୃତ ଅନୁଚର ହେବାରେ ସଫଳ ହୋଇପାରୁ ।

ଆମ୍ଭେମାନେ ଆତ୍ମାଙ୍କ ଫଳ କିପରି ଉତ୍ପନ୍ନ କରିପାରିବା ? ''ପରିତ୍ରାଣ ରୂପ ଶିରସ୍ତ୍ରାଣ ପରିଧାନ କର ଓ ଆତ୍ମାଙ୍କ ଖଡ୍ଗ ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ ଧାରଣ କର ।'' (ଏଫିସୀ ୬:୧୭) । ଏହି ମାଧ୍ୟମରେ ଖ୍ରୀଷ୍ଟିୟାନମାନେ ଫଳ ଉତ୍ପନ୍ନ କରନ୍ତି । ପବିତ୍ର ଆତ୍ମା ପ୍ରେରିତ ଓ ଭାବବାଦୀମାନଙ୍କ ଦ୍ୱାରା ଈଶ୍ୱରଙ୍କ ବାକ୍ୟ ପବିତ୍ର ବାଇବଲ ଲିଖିତ

କରିଅଛନ୍ତି । ସେହି ବାକ୍ୟାନୁଯାୟୀ ଆମ୍ଭେମାନେ ଜୀବନଯାପନ କରି, ଆତ୍ମାଙ୍କ ଫଳପ୍ରଦ ଉତ୍ପନ୍ନ କରୁ (ଗାଲାତୀ ୫:୨୫) । ଆଶ୍ଚର୍ଯ୍ୟ ବା ଅଦ୍ଭୁତ ଭାବରେ ପବିତ୍ର ଆତ୍ମା ଆମ୍ଭମାନଙ୍କ ଠାରେ ନିବାସ କରନ୍ତି ନାହିଁ । ଉଚ୍ଚସ୍ୱରରେ ପାଟି କରିବା, ଡେଇଁବା, କୁଦିବା ପ୍ରଭୃତି ପବିତ୍ର ଆତ୍ମାଙ୍କ ଫଳର ଲକ୍ଷଣ ନୁହେଁ ।

ଆତ୍ମାଙ୍କ ଫଳ ଉତ୍ପନ୍ନ କରିବାର ଅର୍ଥ ତାହାଙ୍କ ଲିଖିତ ବାକ୍ୟାନୁଯାୟୀ ଜୀବନଯାପନ କରିବା ପରମେଶ୍ୱରଙ୍କ ଲିଖିତ ବାକ୍ୟ ଦ୍ୱାରା ପରମେଶ୍ୱର ଆମ୍ଭମାନଙ୍କ ଅନ୍ତରରେ ବାସ କରନ୍ତି । ତେଣୁକରି ପାଉଲ କହନ୍ତି ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କ ଠାରେ ବାସ କରୁ । (କଲସୀ ୩:୧୬) । ଯୀଶୁ କହିଲେ, ''ଆତ୍ମା ଜୀବନଦାୟକ ମାଂସ କୌଣସି ଉପକାର କରେ ନାହିଁ, ମୁଁ ତୁମ୍ଭମାନଙ୍କୁ ଯେ ସମସ୍ତ ବାକ୍ୟ କହିଅଛି, ସେହିସବୁ ଆତ୍ମା ଓ ଜୀବନ ଅଟେ ।'' (ଯୋହନ ୬:୬୩) । ତାହାଙ୍କ ବାକ୍ୟ ଆମ୍ଭମାନଙ୍କ ଠାରେ କିପରି ନିବାସ କରିବ ? ବାଇବଲରେ ଲିଖିତ ତାହାଙ୍କ ବାକ୍ୟ ଦ୍ୱାରା ବାଇବଲରେ ବାକ୍ୟ କାହାଦ୍ୱାରା ଲିଖିତ ହୋଇଅଛି ? ଏହିସବୁ ପ୍ରଶ୍ନଗୁଡ଼ିକରୁ ଆମ୍ଭେମାନେ ବାଇବଲରେ ଲିଖିତ ବାକ୍ୟ ପାଳନ କରିବା ଦ୍ୱାରା, ଆତ୍ମାଙ୍କ ଦ୍ୱାରା ଚାଳିତ ଆତ୍ମା ଆମ୍ଭମାନଙ୍କ ଠାରେ ନିବାସ କରନ୍ତି, ଖ୍ରୀଷ୍ଟ ଆମ୍ଭମାନଙ୍କ ଠାରେ ନିବାସ କରନ୍ତି ବୋଲି ଜାଣିପାରୁ ।

ଆସ, ଆମ୍ଭେମାନେ ତାହାଙ୍କ ବାକ୍ୟ ଶିକ୍ଷା କରିବାରେ କୁଣ୍ଠାବୋଧ ନ କରୁ । ଆତ୍ମାଙ୍କ ଫଳ ବିରୁଦ୍ଧରେ କୌଣସି ବ୍ୟବସ୍ଥା ନାହିଁ କିନ୍ତୁ ଶରୀର ଆତ୍ମାଙ୍କ ବିରୁଦ୍ଧ । ତାହାଙ୍କ ବାକ୍ୟ ପାଳନକାରୀ ପ୍ରତ୍ୟେକ ଆତ୍ମାଙ୍କ ଫଳ ଉତ୍ପନ୍ନକାରୀ ଅଟନ୍ତି ।

- Edwin Crook Shank

* * *

# ଆମ୍ଭେମାନେ କି ଦଶଆଜ୍ଞା ପାଳନ କରିବା ଆବଶ୍ୟକ ?

## (Should we follow the Ten Commandments Today ?)

ଆଜିର ଖ୍ରୀଷ୍ଟ ଜଗତରେ ଆମ୍ଭେମାନେ ଦଶଆଜ୍ଞା ପାଳନ କରିବା ଆବଶ୍ୟକ ବୋଲି ଅନେକ ମନେ କରନ୍ତି ? ଏହି ବିଷୟର ବାଇବଲ କଅଣ କହେ ? ଇଶ୍ରାଏଲ ଗୋଷ୍ଠୀ ମିଶରର ଦାସତ୍ୱ ବନ୍ଧନରୁ ମୁକ୍ତ ହେବା ପରେ ଏହି ଦଶ ଆଜ୍ଞା ମୋଶାଙ୍କ ଦ୍ୱାରା ସଦାପ୍ରଭୁ, ସିନୟ ପର୍ବତ ଉପରେ ସେମାନଙ୍କୁ ଦେଇଥିଲେ । ମୋଶା ଇଶ୍ରାଏଲ୍ ସନ୍ତାନମାନଙ୍କୁ କହିଲେ, ''ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ହୋରେବରେ ଆମ୍ଭମାନଙ୍କ ସହିତ ଗୋଟିଏ ନିୟମ କଲେ । ସଦାପ୍ରଭୁ ଆମ୍ଭମାନଙ୍କ ପୂର୍ବପୁରୁଷମାନଙ୍କ ସହିତ ସେହି ନିୟମ କଲେ ନାହିଁ, ମାତ୍ର ଆଜି ଏହି ସ୍ଥାନରେ ଜୀବିତ ଅଛୁ ଯେ ଆମ୍ଭେମାନେ ଆମ୍ଭ ସମସ୍ତଙ୍କ ସହିତ ତାହା କଲେ । (ଦ୍ୱି:ବି ୫:୨,୩) ଇଶ୍ରାଏଲ୍‌ର ପିତୃପୁରୁଷମାନଙ୍କ ଦତ୍ତ ହୋଇ ନ ଥିବା ଏହା ଏକ ନୂତନ ଆଜ୍ଞା ଥିଲା । ଏହା କେବଳ ଇଶ୍ରାଏଲ୍ ଗୋଷ୍ଠୀ ନିମନ୍ତେ ଦତ୍ତ ହୋଇଥିଲା ।

ସିନୟ ପର୍ବତରେ ଦଶଆଜ୍ଞା ଦତ୍ତ ହେବାର ପୂର୍ବେ ବିଶ୍ରାମ ବାର (ଅର୍ଥାତ୍ ସପ୍ତାହର ସପ୍ତମ ଦିନ) ପବିତ୍ର ରୂପେ ପାଳନ କରିବା ଆବଶ୍ୟକ ନ ଥିଲା, କାରଣ ସେ ଆଜ୍ଞା ସେତେବେଳେ ପର୍ଯ୍ୟନ୍ତ ଦତ୍ତ ହୋଇ ନଥିଲା । କିଅବା ଅଣ ଯିହୂଦୀମାନଙ୍କ ଏହି ଆଜ୍ଞା ପାଳନ କରିବା ଆବଶ୍ୟକ ନ ଥିଲା । କାରଣ ସେହି ଆଜ୍ଞା ସେମାନଙ୍କ ନିମନ୍ତେ ଦତ୍ତ ହୋଇ ନ ଥିଲା । ଯିହୂଦୀ ଧର୍ମାବଲମ୍ବୀ ବିଜାତୀୟମାନେ ଅବଶ୍ୟ ଏହି ଆଜ୍ଞାଧିନ ଥିଲେ । ପୁରାତନ ନିୟମର ଲୋପ ପାଇବା ପରେ ମଧ୍ୟ ଏହି ଆଜ୍ଞା ବିଜାତୀୟମାନେ ପାଳନ କରିବା ଆବଶ୍ୟକ ନ ଥିଲା ।

ସିନୟ ପର୍ବତରେ ଦତ୍ତ ଏହି ବ୍ୟବସ୍ଥାଧିନ ଯିରିମିୟ ଭବିଷ୍ୟତ ବକ୍ତା କହିଲେ, ''ସଦାପ୍ରଭୁ କହନ୍ତି ଦେଖ ଯେଉଁ ସମୟରେ ଆମ୍ଭେ ଇଶ୍ରାଏଲ୍ ବଂଶ ଓ ଯିହୂଦା ବଂଶ ସହିତ ଏକ ନୂତନ ନିୟମ ସ୍ଥାପନ କରିବା । ଏପରି ସମୟ ଆସୁଅଛି । ମିଶର ଦେଶରୁ ସେମାନଙ୍କ ପିତୃପୁରୁଷଙ୍କୁ ବାହାର କରି ଆଣିବା ନିମନ୍ତେ ଆମ୍ଭେ ସେମାନଙ୍କର ହସ୍ତ

ଧରିବା ଦିନ ସେମାନଙ୍କ ସହିତ ଆମ୍ଭର ହସ୍ତକୃତ ନିୟମାନୁସାରେ ନୁହେଁ (ଯିରିମିୟ ୩୧:୩୧,୩୨) । ନୂତନ ବ୍ୟବସ୍ଥା ପୁରାତନ ବ୍ୟବସ୍ଥା ଠାରୁ ଭିନ୍ନ ହେବ । ସିନୟ ପର୍ବତରେ ଏହି ବ୍ୟବସ୍ଥା ଦତ୍ତ ହେବାର ୯୦୦ ବର୍ଷ ପରେ ଏବଂ ଖ୍ରୀଷ୍ଟଙ୍କ ଦତ୍ତ ନୂତନ ବ୍ୟବସ୍ଥାର ୬୦୦ ବର୍ଷ ପୂର୍ବେ ଯିରିମିୟ ଭବିଷ୍ୟଦ୍ ବକ୍ତା ଏହି ଭବିଷ୍ୟଦବାଣୀ ପ୍ରଚାର କରିଥିଲେ । ଏବ୍ରୀ ପୁସ୍ତକର ପୁସ୍ତକକର୍ତ୍ତା ଏହି ପ୍ରବଚନ ବାକ୍ୟ ଯୀଶୁଖ୍ରୀଷ୍ଟଙ୍କୁ ବର୍ତ୍ତାଏ ବୋଲି ଆପଣା ଲେଖନୀର ଅଷ୍ଟମ ଅଧ୍ୟାୟର ୬-୧୩ ପଦଗୁଡ଼ିକରେ ପ୍ରମାଣିତ କରନ୍ତି, "କିନ୍ତୁ ଏବେ ସେ ଯେଉଁ ପରିମାଣରେ ଉତ୍କୃଷ୍ଟତର ପ୍ରତିଜ୍ଞାଗୁଡ଼ିକ ଉପରେ ସ୍ଥାପିତ ଶ୍ରେଷ୍ଠତର ନିୟମର ମଧ୍ୟସ୍ଥ ହୋଇଅଛନ୍ତି । ସେହି ପରିମାଣରେ ମଧ୍ୟ ଉତ୍କୃଷ୍ଟତର ସେବକ ପଦ ପାଇଅଛନ୍ତି । କାରଣ ପ୍ରଥମ ନିୟମ ଯଦି ଦୋଷ ରହିତ ହୋଇଥାଆନ୍ତା, ତେବେ ୨ୟ ନିୟମର କଥା ଉଠି ନ ଥାଆନ୍ତା ।" (ଏବ୍ରୀ ୮:୬-୧୩) । ଏହି ପଦଗୁଡ଼ିକରେ ସେ ଯିରିମିୟଙ୍କ ଭାବବାଣୀ ଉଲ୍ଲେଖ କରନ୍ତି ।

ଯିରିମିୟ ୩୧:୩୧-୩୪ ପଦଗୁଡ଼ିକରେ ପୁରାତନ ନିୟମ ଓ ନୂତନ ନିୟମର କେତୋଟି ପାର୍ଥକ୍ୟ ସଦାପ୍ରଭୁ ଉଲ୍ଲେଖିତ କରନ୍ତି । ପୁରାତନ ନିୟମ ପ୍ରସ୍ତର ଫଳକ ଉପରେ ଲିଖିତ ହୋଇଥିଲା, କିନ୍ତୁ ନୂତନ ନିୟମ ବିଶ୍ୱାସୀର ମାଂସମୟ ହୃଦୟରେ ଲିଖିତ ହୁଏ । ପୁରାତନ ନିୟମରୁ ନୁହେଁ କିନ୍ତୁ ନୂତନ ନିୟମରୁ ମନୁଷ୍ୟ ସମ୍ପୂର୍ଣ୍ଣ ସିଦ୍ଧିଲାଭ କରିପାରେ । ଦଶଆଜ୍ଞା ପୁରାତନ ନିୟମରେ ଅନ୍ତର୍ଭୁକ୍ତ ଏବଂ ଯୀଶୁଖ୍ରୀଷ୍ଟଙ୍କ ମରଣ, ପୁନଃରୁଥାନ ପରେ ଏହି ପୁରାତନ ନିୟମ ଲୁପ୍ତ ହୋଇଅଛି । (କଲସୀ ୨:୧୪) ଖ୍ରୀଷ୍ଟ ଏବେ ଆମ୍ଭମାନଙ୍କୁ ଏବେ ନୂତନ ନିୟମ ଦାନ କରିଅଛନ୍ତି ଯାହା ଉତ୍କୃଷ୍ଟତର ପ୍ରତିଜ୍ଞାଗୁଡ଼ିକ ଉପରେ ସ୍ଥାପିତ ହୋଇଅଛି । (ଏବ୍ରୀ ୮:୬)

ତେବେ ପୁରାତନ ନିୟମର କଅଣ ହେଲା ? ଏହାର ଉତ୍ତର ଆମ୍ଭେମାନେ ନୂତନ ନିୟମରେ ପାଇପାରୁ । ସେ ନୂତନ ନିୟମ ବୋଲି କହିବା ଦ୍ୱାରା ପ୍ରଥମକୁ ପୁରାତନ କରିଅଛନ୍ତି, ଆଉ ଯାହା ପୁରାତନ ଓ ଜୀର୍ଣ୍ଣ ହୋଇଯାଉଅଛି, ତାହା ଅନ୍ତର୍ହିତ ହେବାର ସମୟ ସନ୍ନିକଟ । (ଏବ୍ରୀ ୮:୧୩) । ଏଥିରେ ଏକ ପକ୍ଷରେ ପୂର୍ବବର୍ତ୍ତୀ ଆଜ୍ଞା ଦୁର୍ବଳ ଓ ନିଷ୍ଫଳ ହେବାରୁ ତାହାର ଲୋପ ହୋଇଅଛି । କାରଣ ବ୍ୟବସ୍ଥା

କୌଣସି ବିଷୟ ସିଦ୍ଧ କରି ନ ଥିଲା, ଅନ୍ୟପକ୍ଷରେ ଶ୍ରେଷ୍ଠତର ଭରସା ପ୍ରବେଶ କରିଅଛି, ତଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ନିକଟବର୍ତ୍ତୀ ହେଉ । (ଏବ୍ରୀ ୧୦:୯) କାରଣ ଯାଜକତ୍ୱ ଯଦି ପରିବର୍ତ୍ତିତ ହୁଏ, ତେବେ ବ୍ୟବସ୍ଥାର ମଧ୍ୟ ଅବଶ୍ୟ ପରିବର୍ତ୍ତନ ଅଟେ । (ଏବ୍ରୀ ୭:୧୨) । ପୁଣି ବିଧିବିଧାନରେ ଆମ୍ଭମାନଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗ ପତ୍ର ଥିଲା, ତାହା ସେ ଲୋପ କରି କ୍ରୁଶରେ ଟଙ୍ଗାଇ ଦେଇ ଆମ୍ଭମାନଙ୍କ ପଥରୁ ଦୂର କରି ଦେଇଅଛନ୍ତି । (କଲସୀ ୨:୧୪) ପୁରାତନ ନିୟମ ବିଷୟରେ ପାଉଲ ଗାଲାତୀ ମଣ୍ଡଳୀକୁ ଲେଖନ୍ତି, ଏହି ପ୍ରକାରେ ବିଶ୍ୱାସ ହେତୁ ଆମ୍ଭମାନଙ୍କର ଧାର୍ମିକ ଗଣିତ ହେବା ନିମନ୍ତେ ଖ୍ରୀଷ୍ଟଙ୍କ ଆଗମନ ପର୍ଯ୍ୟନ୍ତ ବ୍ୟବସ୍ଥା ଆମ୍ଭମାନଙ୍କ ଶିକ୍ଷକ ସ୍ୱରୂପ ହୋଇଥିଲା । କିନ୍ତୁ ଏବେ ସେହି ବିଶ୍ୱାସ ଉପସ୍ଥିତ ହେଲା ପରେ ଆମ୍ଭେମାନେ ଆଉ ଶିକ୍ଷକର ଅଧିନରେ ନାହୁଁ । (ଗାଲାତୀ ୩:୨୪,୨୫)

ପୁରାତନ ନିୟମ କେବେ ଲୁପ୍ତ ହେଲା ଓ ନୂତନ ନିୟମ କେବେ ଆରମ୍ଭ ହେଲା ? ଯୀଶୁଖ୍ରୀଷ୍ଟଙ୍କ ମରଣରେ, କାରଣ ବାକ୍ୟ କହେ, ''ଆଉ ଏହି କାରଣରୁ ସେ ନୂତନ ନିୟମର ମଧ୍ୟସ୍ଥ ହୋଇ ଅଛନ୍ତି, ଯେପରି ପ୍ରଥମ ନିୟମକାଳୀନ ଅପରାଧ ମାର୍ଜ୍ଜନାର୍ଥେ ମୃତ୍ୟୁ ଭୋଗ କରାଯାଇଥିବାରୁ ଆହୂତ ଲୋକମାନେ ଅନନ୍ତ ଅଧିକାର ସମ୍ବନ୍ଧୀୟ ପ୍ରତିଜ୍ଞାର ଫଳ ପ୍ରାପ୍ତ ହୁଅନ୍ତି । କାରଣ ଉଇଲ୍ କରାଯାଇଥିଲେ, ଉଇଲ୍ କରିଥିବା ବ୍ୟକ୍ତିଙ୍କ ମୃତ୍ୟୁର ପ୍ରମାଣ ଆବଶ୍ୟକ । ଯେଣୁ ମୃତ୍ୟୁ ଘଟିଲେ ଉଇଲ୍ ବଳବତ୍ତ ହୁଏ, କାରଣ ଉଇଲ୍ କରିଥିବା ଲୋକ ଜୀବିତ ଥିବା ପର୍ଯ୍ୟନ୍ତ ତାହା କଦାପି କାର୍ଯ୍ୟକାରୀ ହୁଏ ନାହିଁ । (ଏବ୍ରୀ ୯:୧୫-୧୭)

ସିନୟ ପର୍ବତ ଉପରେ ଇଶ୍ରାଏଲ ସନ୍ତାନମାନଙ୍କୁ କାହିଁକି ଦିଆଯାଇଥିଲା ? ଏହାର ଉତ୍ତରରେ ପାଉଲ କହନ୍ତି, ''ତେବେ ବ୍ୟବସ୍ଥା କାହିଁକି ଦତ୍ତ ହେଲା ? ଯେଉଁ ସନ୍ତାନଙ୍କୁ ଲକ୍ଷ୍ୟ କରି ପ୍ରତିଜ୍ଞା କରାଯାଇଥିଲା, ତାହାଙ୍କ ନ ଆସିବା ପର୍ଯ୍ୟନ୍ତ ତାହା ଆଜ୍ଞା ଲଂଘନ ହେତୁ ଯୋଗ କରାଗଲା, ପୁଣି ତାହା ଦୂତମାନଙ୍କ ଦ୍ୱାରା ଜଣେ ମଧ୍ୟସ୍ଥଙ୍କ ହସ୍ତରେ ସ୍ଥାପିତ ହୋଇଥିଲା (ଗାଲାତୀ ୩:୧୯) । ସେହି ପ୍ରତିଜ୍ଞାତ ସନ୍ତାନ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ଅଟନ୍ତି । ତାହାଙ୍କ ଆଗମନ ପର୍ଯ୍ୟନ୍ତ ପୁରାତନ ବ୍ୟବସ୍ଥା

ଯେଉଁଥିରେ ଦଶଆଜ୍ଞା ଅନ୍ତର୍ଭୁକ୍ତ ଇଶ୍ରାଏଲ୍‌କୁ ଆୟତ୍ତ କଲା । ଖ୍ରୀଷ୍ଟ ଏହି ଜଗତରେ ଜନ୍ମଗ୍ରହଣ କରି ସେହି ବ୍ୟବସ୍ଥା ସଫଳ କରିଅଛନ୍ତି । ଆସ ଏହି ନୂତନ ନିୟମ ପାଳନ କରି ତାହାଙ୍କ ଇଚ୍ଛାନୁଯାୟୀ ତାହାଙ୍କ ସେବା ଓ ଉପାସନା କରୁ ।

**- Garland Robinson**

❋ ❋ ❋

# ମୃତମାନେ କେଉଁ ଠାରେ ?

## (Where are the dead ?)

"ମୃତମାନେ କେଉଁଠାରେ ?" ଏହା ସମସ୍ତ ମାନବ ସମାଜର ପ୍ରଶ୍ନ । ମନୁଷ୍ୟ ଶରୀର ଓ ଆତ୍ମା ବିଶିଷ୍ଟ ଏକ ପ୍ରାଣୀ । "ଅନନ୍ତର ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି ଦ୍ୱାରା ମନୁଷ୍ୟଙ୍କୁ ନିର୍ମାଣ କରି ତାହାର ନାସିକା ରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣ ବାୟୁ ପ୍ରବେଶ କରାଇଲେ, ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା ।" (ଆଦି ୨:୭) । ଶରୀର କ୍ଷଣସ୍ଥାୟୀ କିନ୍ତୁ ଆତ୍ମା ଅନନ୍ତଜୀବି । ଶରୀର କ୍ଷୟ ପାଏ, କିନ୍ତୁ ଆତ୍ମା ଅନନ୍ତକାଳ ଅକ୍ଷୟ ଅଟେ ।

ମରଣ ଉତ୍ତାରେ ଶରୀର କଅଣ ହେବ, ଏହା ଆମ୍ଭମାନଙ୍କ ବିଷୟ ବସ୍ତୁ ନୁହେଁ, କିନ୍ତୁ ମୃତ୍ୟୁପରେ ଆତ୍ମାର ପରିସ୍ଥିତି କଅଣ ଏହି ଅଧ୍ୟାୟରେ ବିଶ୍ଳେଷଣ କରି ବୁଝିବା । ମରଣ ପରେ ଆତ୍ମା କେଉଁଠାରେ ରହେ ? ଏହା ସମାଧିରେ ରହେ ନାହିଁ । ମରଣପରେ ଆତ୍ମା ଶରୀର ଠାରୁ ବିଚ୍ଛିନ୍ନ ହୁଏ ଓ କେବଳ ଶରୀର ସମାଧି ପ୍ରାପ୍ତ ହୁଏ ।

ଅନେକଙ୍କ ମତନୁଯାୟୀ ମୃତ୍ୟୁପରେ ଆତ୍ମା ପରିଷ୍କରଣ ସ୍ଥାନ (Purgatorial Realm) କୁ ଯାଏ ନାହିଁ । ଆତ୍ମା ଗୁଡ଼ିକ ସେ ସ୍ଥାନକୁ ଯାଇ ଆପଣା ପାପ ନିମନ୍ତେ ଶାସ୍ତି ଅନୁଭବ କରିବା ପରେ ପରିଷ୍କୃତ ହେବେ ବୋଲି ମନୁଷ୍ୟମାନଙ୍କ ଭ୍ରାନ୍ତ ଧାରଣା । କାରଣ ଧର୍ମଶାସ୍ତ୍ର ଏ ବିଷୟରେ ମୌନ ରହେ । ମୃତ୍ୟୁପରେ ତତ୍‌କ୍ଷଣାତ୍ ଆତ୍ମା ସ୍ୱର୍ଗକୁ କି ନର୍କକୁ ଯାଏ ନାହିଁ ।

ଯୀଶୁଖ୍ରୀଷ୍ଟ ମୃତ୍ୟୁ ପୂର୍ବରୁ ଆପଣା ସହ କ୍ରୁଶ ଉପରେ ଚଢ଼ା ଯାଇଥିବା ଡକାୟତକୁ କହିଲେ, "...ମୁଁ ତୁମ୍ଭକୁ ସତ୍ୟ କହୁଅଛି, ଆଜି ତୁମ୍ଭେ ମୋହର ସହିତ 'ପାରାଦୀଶ'ରେ ଉପସ୍ଥିତ ହେବ । ମନପରିବର୍ତ୍ତନ କରିଥିବା ଡକାୟତ ସେ ଦିନ ମୃତ୍ୟୁପରେ ପାରଦୀଶରେ ପ୍ରବେଶ କରିଥିଲା ।" (ଲୂକ ୨୩:୪୩) । ତିନିଦିନ ପରେ ଉଦ୍ୟାନରେ ମଗଦଲିନୀ ମରିୟମକୁ ଦର୍ଶନ ଦେଇ କହିଲେ, "...ମୋତେ ଧରି ରଖ ନାହିଁ, କିନ୍ତୁ ମୁଁ ଏପର୍ଯ୍ୟନ୍ତ ପିତାଙ୍କ ନିକଟକୁ ଆରୋହଣ କରି ନାହିଁ...।" (ଯୋହନ ୨୦:୧୭) । ଯୀଶୁ ଓ ଡକାୟତ ଶୁକ୍ରବାର ଦିନ ଯାତ୍ରା ଆରମ୍ଭ କରିଥିଲେ, କିନ୍ତୁ ରବିବାର ସେ କହନ୍ତି, ସେ ପିତାଙ୍କ ନିକଟକୁ ଯାଇ ନାହାନ୍ତି । ଏତଦ୍ୱାରା ପାରଦୀଶ ସଦାପ୍ରଭୁଙ୍କ ନିବାସ ସ୍ଥାନ ନୁହେଁ ବୋଲି ଜାଣିପାରୁ ।

ପାରଦୀଶ କେଉଁଠାରେ ? ପ୍ରଭୁଯୀଶୁ ମୃତ୍ୟୁପରେ ଯେଉଁ ସ୍ଥାନକୁ ଯାଇ ଥିଲେ, ଜାଣିପାରିଲେ, ପାରଦୀଶ କେଉଁଠି ଜାଣି ପାରିବା ? ପ୍ରେରିତ ୨:୨୬-୨୭ ପଦରେ ପିତର, ଦାଉଦଙ୍କ ବ୍ୟକ୍ତ ଯୀଶୁଖ୍ରୀଷ୍ଟଙ୍କ ପୁନଃରୁଥାନର ଭାବବାଣୀ ଉଲ୍ଲେଖ କରି କହନ୍ତି, "ତେଣୁ ମୋହର ହୃଦୟ ପ୍ରଫୁଲ୍ଲ ଓ ମୋହର ଜିହ୍ୱା ଉଲ୍ଲସିତ ହେଲା , ଆହୁରି ମୋର ଶରୀର ମଧ୍ୟ ଭରସାରେ ବାସ କରିବ, କାରଣ ତୁମ୍ଭେ ମୋହର ପ୍ରାଣକୁ ପାତାଳରେ ପରିତ୍ୟାଗ କରିବ ନାହିଁ, କିଅବା ଆପଣା ଭକ୍ତକୁ କ୍ଷୟ ପାଇବାକୁ ଦେବ ନାହିଁ ।" (ପ୍ରେରିତ ୨:୨୬-୨୮) । Hell କିଅବା Hades ଗସ୍ତ ଆତ୍ମାମାନେ ବାସ କରନ୍ତି । ଏହି ପ୍ରଦେଶରେ ପାରଦୀଶ ଉପସ୍ଥିତ ।

ପାତାଳ କିପରି ସ୍ଥାନ ? ଏ ବିଷୟରେ କି ବାଇବଲରେ ଲିଖିତ ହୋଇଅଛି ? ଲୂକ ଲିଖିତ ସୁସମାଚରର ୧୬ମ ଅଧ୍ୟାୟରେ ବର୍ଣ୍ଣିତ ଲାଜର ମୃତ୍ୟୁଭୋଗି ଅବ୍ରାହମଙ୍କ କୋଳକୁ ନୀତ ହେଲେ, କିନ୍ତୁ ଧନୀଲୋକ ମୃତ୍ୟୁଭୋଗି ନରକଯନ୍ତ୍ରଣାର ସ୍ଥାନରେ କଳବଳ ହୋଇ ଡାକି କହିଲେ, "...ହେ ପିତା ଅବ୍ରାହମ, ମୋତେ ଦୟାକରି ଲାଜରଙ୍କ ପଠାଇ ଦିଅନ୍ତୁ, ଯେପରି ସେ ପାଣିରେ ଆପଣା ଅଙ୍ଗୁଳିର ଟିପ ବୁଡ଼ାଇ ମୋର ଜିଭକୁ ଥଣ୍ଡାକରେ, କାରଣ ମୁଁ ଏହି ନିଆଁରେ କଳବଳ ହେଉଅଛି ।" (ଲୂକ ୧୬:୨୪) । କିନ୍ତୁ ସେମାନଙ୍କ ମଧ୍ୟରେ ବୃହତ ବ୍ୟବଧାନ ରହିଥିବାରୁ, ସେ କାର୍ଯ୍ୟ ଅସମ୍ଭବ ବୋଲି ଅବ୍ରାହମ ଉତ୍ତର ଦେଇଥିଲେ । ତତ୍ପରେ ସେ ଆପଣା ଭାଇମାନଙ୍କ

ନିକଟକୁ ଲାଜରକୁ ପଠାଇ ସେମାନଙ୍କ ଯନ୍ତ୍ରଣାର ସ୍ଥାନ ବିଷୟରେ ସତର୍କ କରିବାକୁ ଅନୁରୋଧ କଲେ । କିନ୍ତୁ ଅବ୍ରାହମ, ସେମାନଙ୍କ ନିକଟରେ ମୋଶା ଓ ଭାବବାଦୀମାନଙ୍କ ପୁସ୍ତକ ଅଛି ବୋଲି ସେ ଉତ୍ତର ଦେଇଥିଲେ । ମନୁଷ୍ୟର ମୃତ୍ୟୁପରେ ଶରୀର ସମାଧିସ୍ଥ ହୁଏ ଓ ଆତ୍ମା ପାତାଳ ଅର୍ଥାତ୍ Hadean ରେ ନୀତ । ଧାର୍ମିକମାନେ ଅବ୍ରାହମଙ୍କ କୋଳରୂପ ପାରଦୀଶକୁ ଯାଆନ୍ତି ଓ ଅଧାର୍ମିକମାନେ ଯନ୍ତ୍ରଣାର ସ୍ଥଳକୁ । ଏହି ଦୁଇ ସ୍ଥାନ ମଧ୍ୟରେ ଅଗାଧ ବ୍ୟବଚ୍ଛେଦ ନିର୍ଣ୍ଣିତ ହୋଇଅଛି । ଶରୀର ବିହୀନ ଆତ୍ମାମାନେ ଏକକୁ ଆରେକ ଚିହ୍ନି ପାରିବେ ଓ ଜାଗତିକ ଜୀବନର୍ ସ୍ମୃତି, ବିସ୍ମୃତି ନୋହିବ ।

ଲାଜର ଓ ଧନୀଲୋକ ନିମନ୍ତେ ତାହା ଚିରସ୍ଥାୟୀ ସ୍ଥିତି ନୁହେଁ । କାରଣ ଜଗତରେ ଏବେ ଯାଏ ଜୀବନ ଅଛି ଓ ବିଚାରଦିନ ଉପସ୍ଥିତ ହୋଇ ନାହିଁ । ଉପରୋକ୍ତ ଘଟଣା ଖ୍ରୀଷ୍ଟଙ୍କ ଯୁଗ ଆରମ୍ଭ ହେବା ପୂର୍ବରୁ ଘଟିଥିଲା । ଖ୍ରୀଷ୍ଟିୟାନ ଯୁଗରେ ସେ କହିବେ, "ସେମାନଙ୍କ ନିକଟରେ ଖ୍ରୀଷ୍ଟ ଓ ତାହାଙ୍କ ପ୍ରେରିତମାନଙ୍କ ବାକ୍ୟ ଅଛି ।"

ପ୍ରଶ୍ନ ଉଠେ, ଯଦି ଏହି ସବୁ ସତ୍ୟ ଅଟେ ତେବେ ବିଚାରର ଆଉ ଆବଶ୍ୟକତା କଅଣ ? ନ୍ୟାୟାଧିପତି ସଦାପ୍ରଭୁ ଚକ୍ଷୁସ ସାକ୍ଷ୍ୟ ଉପରେ ଆଧାରିତ ହୋଇ ଅପରାଧ ପରିଗଣନା କରିବେ ବୋଲି ମନେ କରନ୍ତୁ ନାହିଁ । ବିଚାର ଦିନରେ ବିଚାରପତି ନ୍ୟାୟ ବିଚାର ପ୍ରକଟ କରିବେ । ଧାର୍ମିକମାନେ ଅନାଦି ପରମେଶ୍ୱରଙ୍କ ସହ ଅନାଦିକାଳ ବାସ କରିବା ନିମନ୍ତେ ସ୍ୱର୍ଗକୁ ଯିବେ ଓ ଧାର୍ମିକମାନେ ଶୟତାନ ଓ ତାହାଙ୍କ ଦୂତମାନଙ୍କ ସହ ଅନନ୍ତକାଳ ନିମନ୍ତେ ନରକରେ ନିକ୍ଷିପ୍ତ ହେବେ ।

ଆପଣ କେଉଁଠାରେ ଅନନ୍ତକାଳ ପର୍ଯ୍ୟନ୍ତ ବାସ କରିବାକୁ ଇଚ୍ଛା କରନ୍ତି ? ନିର୍ଣ୍ଣୟ ଆପଣଙ୍କର ।

***– Roy Beasley***

❋ ❋ ❋

Edited & Published by : Kabita & Joshua Gootam

A. When the spies gave the report of the land of Canaan, Israel rebelled.(Num.14:1).
B. They had planned to elect a leader and return to Egypt.(Num.14:4).
C. They were ready to stone Moses, Aaron, Joshua and Caleb.(Num.14:10).
D. The Lord was furious upon the Israel.(Num.14:11).
E. He was getting ready to disinherit them and start over with Moses.(Num.14:12).
F. Moses prayed which calmed down the Lord.(Num.14:20).
G. The Lord punished Israel for their unbelief and cursed them with 40 years of wandering.(Num.14:22,34).
H. The Lord sent in a plague that killed the murmured congregation and the spies that spoke evil things.(Num.14:36).

***V. Went to war against the will of the Lord.***

A. Immediately after seeing God's wrath, Israel repented.
B. Theydecided to go to war against the Amalekites and Canaanites without Moses and God's approval.(Num.14:40).
C. Moses told them not to go.(Num.14:41).
D. Moses warned that they will be killed in the war if they go to war.(Num.14:42 – 43).
E. They went to war without the Ark of the Covenant and Moses.(Num.14:44).
F. Israel lost the battle and many people died.(Num.14:45).

***VI. The rebellion of Korah.***

A. Korah was of the genealogy of Levi.(Num.16:1).
B. He gathered two hundred fifty of renowned men in the congregation against Moses and Aaron.(Num.16:2 – 3).
C. The Lord was set to destroy the entire congregation of Israel.(Num.16:21).
D. Moses and Aaron pleaded God not to do so.(Num.16:22).
E. The Lord told Moses to separate themselves and the congregation from Korah, Dathan and Abiram.(Num.16:26).
F. The earth opened up and the fire from heaven consumed all the two hundred fifty men that rebelled.(Num.16:32 – 35).

***VII. The murmuring of Israel against Moses and Aaron.***

A. Israel rebelled again in the day after Korah was consumed.(Num.16:41).
B. They blamed Moses and Aaron for the deaths of Korah and his men.(Num.16:41).
C. The Lord was angry on them and wanted to destroy all of the Israel.(Num.16:45).
D. Moses and Aaron plead with the Lord for their lives.(Num.16:46).
E. Aaron sets up atonement for Israel.(Num.16:47).
F. The plague the Lord had sent on Israel consumed 14,700 people. (Num.16:49).

***VIII. The people complain for bread and water.***

A. The congregation of Israel was in the wilderness of Zin.(Num.20:1).
B. They gathered against Moses and complain for water and food. (Num.20:2 – 5).
C. The Lord commands Moses to speak to the rock but he strikes it twice.(Num.20:11).
D. The Lord punished Moses for his disobedience.(Num.20:12).

***IX. People complain about the journey.***

A. Edom refused to let Israel pass through their land.(Num.20:21).
B. Hence they journeyed in a different way to avoid Edom. (Num.21:4a,b).
C. People started complaining of the hard journey.(Num.21:4c).
D. People spoke against God and Moses.(Num.21:5a).
E. They complained for water and food.(Num.21:5d).
F. The Lord was angry and sent fiery serpents.(Num.21:6a).
G. They bit the people and many died.(Num.21:6d).
H. Israel cried unto Moses to pray to God for them.(Num.21:7a – c).
I. Moses prayed for Israel.(Num.21:7d).
J. The Lord commanded Moses to make a serpent of brass.(Num.21:8a)
K. He commanded Moses to set it on a pole.(Num.21:8b).

L. He commanded that whosoever that is bitten by the snake sees the brass serpent will be saved.(Num.21:8d).

M. Moses did as the Lord commanded.(Num.21:9a, b).

N. Whosoever was bitten and thus has seen the brass serpent lived.(Num.21:9).

### *X. Israel's sin of adultery and idolatry.*

A. Israel committed adultery and bowed to other gods at Shittim. (Num.25:1 – 2).

B. The Lord commanded that the heads of the tribes be hanged.(Num.25:4 – 5).

C. Phinehas offered atonement and was able to stay the plague.(Num.25:7 – 8).

D. The plague consumed 24,000 people of Israel for their sin. (Num.25:9).

### *XI. Lessons we can learn.*

A. God was not pleased with Israel every time Israel complained or rebelled.

B. God punished severely every time they rebelled.

C. The Lord entrusted every one of us with divine tasks to do.(Matt.28:18 – 20).

D. We need to work diligently to set about doing His task. (2Tim.2:15).

E. We should refrain from murmuring and tempting the Lord.(Luk.4:12).

2. God punished Israel for their sin every time.
3. The Lord is long suffering.
4. He will surely forgive of our trespassing if we truly repent.
5. But His wrath is heavy bearing for men.
6. We should refrain from tempting the Lord.

*Bro. Ronnie Gootam.*

**Printed Book Only**

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)